# Akashvani, Sambalpur

## SAMBALPURI NEWS EVENING BULLETIN

**15 July 2025- 7.02 pm- 7.12 pm.**

**********************************************

୧- ଛାତ୍ରୀଛାତ୍ରୀ ମାନେ ନିଜେ ଚାକିରୀ କର୍‌ବାର୍ ଅପେକ୍ଷା ଅଲ୍‌ଗାମାନ୍‌କୁ ଚାକିରୀ ଦେବାର୍ ଚେରେଷ୍ଟା କର୍‌ବାର୍ ଦର୍‌କାର୍- ରେଭେନ୍ସା ବିଶ୍ୱବିଦ୍ୟାଳୟର୍ ସମାବର୍ତ୍ତନ୍ ଉତ୍ସବ୍‌ଥି କହେଲେ ରାଷ୍ଟ୍ରପତି ।

୨- ବାଲେଶ୍ୱର୍ ଛାତ୍ରୀ ମୃତ୍ୟୁ ଘଟ୍‌ନାର୍ ଅନୁଧ୍ୟାନ୍ ଲାଗି ୪ ଝନିଆ ଫେକ୍ଟ୍ ଫାଇଣ୍ଡିଂ ଟିମ୍ ଗଠନ୍ କଲା ୟୁ.ଜି.ସି. ।

୩- ଐତିହାସିକ୍ ମହାକାଶ୍ ଅଭିଯାନ୍‌ନୁ ସଫଲ୍‌ତାର୍ ସହେତେ ପୁର୍‌ଥିକେ ଫିର୍‌ଲେ ଭାରତୀୟ ମହାକାଶ୍‌ଚାରୀ ଶୁଭାଂଶୁ ଶୁକ୍ଳା ।

ଆଉର୍

୪- କୌଶଲ୍ ଭାରତ୍ ଅଭିଯାନ୍‌କେ ଆଏଜ୍ ପୁର୍‌ଲା ୧୦ ବଛର୍ ।

ରାଷ୍ଟ୍ରପତି- ଓଡ଼ିଶା ଗସ୍ତ ଆର୍ଏନ୍ୟୁ/ ସମ୍ବଲପୁର/ କଟକ୍

ଛାତ୍ରଛାତ୍ରୀମାନେ ସ୍ୱାବଲମ୍ବୀ ହେବାର୍ ସହେତେ ଅଲ୍ଗାମାନ୍‌କୁ ଚାକିରୀ ଦେବାର୍ ଦିଗେ ଚେରେଷ୍ଟା କର୍‌ବାର୍ ଦର୍‌କାର୍ ବଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ । କଟକ୍ ରେଭେନ୍ସା ବିଶ୍ୱବିଦ୍ୟାଲୟ ନ ୧୩ ନମ୍ବର୍ ସମାବର୍ତନ୍ ଉତ୍ସବ୍‌ଥି ଯୋଗ୍ ଦେଇକରି ରାଷ୍ଟ୍ରପତି କହିଛନ୍, ଉଦ୍‌ଯୋଗୀ ଲୁକ୍‌କର୍ ପାଖିକେ ସଫଲତା ଆଏସି....

(ଭଏସ୍ ଓଭର୍-ରାଷ୍ଟ୍ରପତି-୧)

ରାଷ୍ଟ୍ରପତି କହିଛନ୍, ନୂଆଁ ପ୍ରଯୁକ୍ତି ବିଦ୍ୟା ଯୁଗେ ଆଏଜ୍ କୃତ୍ରିମ ବୁଦ୍ଧିମତା, ମେସିନ୍ ଲାର୍ଣ୍ଣିଂ ବାଗିର୍ କ୍ଷେତ୍ରଥି ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛେ । ଇଟା ଚିନ୍ତା, ଚେତନା ଆଉ କାର୍ଯ୍ୟଶୈଳୀଥି ବହୁତ୍‌ଟେ ପରିବର୍ତନ୍ ଆନ୍‌ସି । ଇଥିର୍‌ଲାଗି ନୂଆଁ ଜ୍ଞାନ୍‌କୌଶଲ୍‌ର ସଦ୍‌ବେଭାର୍ ହେବାର୍ ଭିଲ୍ ଜରୁରୀ ଆଏ ବଲି ରାଷ୍ଟ୍ରପତି କହିଛନ୍ । ସେ କହିଛନ୍, ୨୦୪୭ ମସିହାତକ୍ ଭାରତ୍ ବିକଶିତ୍ ରାଷ୍ଟ୍ର ବନ୍‌ବାର୍ ଦିଗ୍‌କେ ଗତି କରୁଛେ । ଇଥି ଉଚ୍ଚଶିକ୍ଷାନୁଷ୍ଠାନ୍‌ମାନ୍‌କର୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛେ । ଭାରତ୍‌କେ ବିଶ୍ୱଗୁରୁ ହେବାର୍ ଲାଗି ଭିତିଭୂମି, ବିଜ୍ଞାନ୍, ଅର୍ଥନୀତି, କଳା, ସଂସ୍କୃତିର୍ ବିକାଶ୍ ସହେତେ ମାନବ୍ ସମ୍ବଲ୍‌ର ବିକାଶ୍ ଜରୁରୀ ଆଏ ବଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ ।

(ଭଏସ୍ ଓଭର୍-ରାଷ୍ଟ୍ରପତି-୨)

ସମାବର୍ତନ୍ ଉତ୍ସବ୍‌ଥି ୪ ଝନ୍ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନ୍ ସୂଚକ୍ ଡକ୍ଟରେଟ୍ ଉପାଧି ଦିଆଯାଇଥିଲା ବେଲେ ୩ ଶହ ୨୯ ଝନ୍ କୃତୀ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ୍ କରାଯାଇଥିଲା । କାର୍ଯ୍ୟକ୍ରମ୍‌ଥି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍‌ଙ୍କର୍ ସହେତେ ବହୁତ୍ ବିଶିଷ୍ଟ ବ୍ୟକ୍ତି ଯୋଗ୍ ଦେଇଥିଲେ । ତାର୍‌ଉତ୍‌ରୁ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ରେଭେନ୍ସା ବାଲିକା ଉଚ୍ଚବିଦ୍ୟାଲୟର୍ ୩ ଟା କୁଠାର୍ ପୁନର୍ବିକାଶ୍ ପ୍ରକଳ୍ପର୍ ଶିଲାନ୍ୟାସ୍ କରିଛନ୍ । ଉପର୍‌ବେଲା ଆଦିକବି ସାରଳା ଦାସ୍‌ଙ୍କର୍ ଜନ୍ମବାର୍ଷିକୀ ସମାରୋହ୍‌ଥି ଯୋଗ୍ ଦେବାର୍ ସହେତେ ଜବାହାର୍‌ଲାଲ୍ ନେହେରୁ ଇନ୍‌ଡୋର୍ ଷ୍ଟାଡ଼ିୟମ୍ ଠାନେ ହେଇଥିବା କଳିଙ୍ଗ ରତ୍ନ ସମ୍ମାନ୍ -୨୦୨୪ ପ୍ରଦାନ୍ କରିଛନ୍ ।

ଛାତ୍ରୀ ମୃତ୍ୟୁ ଘଟ୍‌ନା- ୟୁଜିସି କମିଟି ଗଠନ୍/ଆର୍‌ଏନ୍‌ୟୁ ସମ୍ବଲପୁର

ବାଲେଶ୍ୱର୍ ଫକୀର୍ ମୋହନ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ମୃତ୍ୟୁ ଘଟ୍‌ନାର୍ ଅନୁଧ୍ୟାନ୍ କର୍‌ବାର୍ ଲାଗି ବିଶ୍ୱବିଦ୍ୟାଳୟ ଅନୁଦାନ୍ ଆୟୋଗ୍- ୟୁ.ଜି.ସି. ତର୍‌ଫୁ ଗୁଟେ ୪ ଝନିଆ ଫାକ୍ଟ

ଫାଇଣ୍ଡିଂ କମିଟି ଗଠନ୍ କରାଯାଇଛେ । ପ୍ରଫେସର୍ ରାଜ୍ ମିତଲ୍ଙ୍କର୍ ଅଧ୍ୟକ୍ଷତାଥି ଗଠନ୍ ହେଇଥିବା କମିଟିଥି ସୁଷମା ଯାଦବ୍, ନିର୍ଜା ଗୁପ୍ତା ଆଉ ଅସୀମା ମଙ୍ଗଲା ରହିଛନ୍ । କମିଟି ୭ ଦିନ୍ ଭିତ୍ରେ ଘଟ୍ନାର୍ ଅନୁଧ୍ୟାନ୍ ରିପୋର୍ଟ ଦାଖଲ୍ କର୍ବାର୍କେ ୟୁଜିସି ତର୍ଫୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୃତ ଛାତ୍ରୀଙ୍କର୍ ପରିବାର୍ ଲୁକ୍କୁ ୨୦ ଲାଖ୍ ଟଙ୍କା ଅନୁକମ୍ପା ସାହାଜ୍ ୟୁଗେଇ ଦେବାର୍କେ ଘୋଷ୍ନା କରିଛନ୍ । ଇତାର୍ ସହେତେ ଘଟ୍ନାଥି ସମ୍ପୃକ୍ତ ଦୋଷୀମାନ୍କର୍ ବିରୋଧ୍ଥି କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ସେଆଡ଼େ ବାଲେଶ୍ୱର୍ ଜିଲ୍ଲା ନିଜର୍ ଗାଁ ନ ଆଏଜ୍ ମୃତ ଛାତ୍ରୀଙ୍କର୍ ଅନ୍ତିମ୍ ସହ୍କାର୍ କରାଯାଇଛେ ।

ଅକ୍ଷୟ ଶକ୍ତି ବୈଠକ୍ I&PR

ଉପମୁଖ୍ୟମନ୍ତ୍ରୀ ଆଉ ଶକ୍ତିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କର୍ ଅଧ୍ୟକ୍ଷତାଥି ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ଠାନେ ଅକ୍ଷୟ ଶକ୍ତି ଉପ୍ରେ ଗୁଟେ ବୈଠକ୍ ହେଇଯାଇଛେ । ବୈଠକ୍ଥି ଜାତୀୟ ସ୍ତର୍ଥି ଧାରିଜ୍ ପ୍ରତିଶ୍ରୁତି ହାସଲ୍ କର୍ବାର୍ ଲାଗି ଜରୁରୀ ପବନ୍ ଶକ୍ତି ଉତ୍ପାଦନ୍ କ୍ଷମତା ବଢ଼ାବାର୍, ଉତ୍ପାଦନ୍ ସମ୍ଭାବନା, ଆହ୍ୱାନ୍ ଆଉ ସମ୍ଭାବ୍ୟ

ରାସ୍ତା ବାବ୍‌ଦେ ଆଲୋଚନା କରାଯାଇଥିଲା । ଓଡ଼ିଶାର୍ ପ୍ରାକୃତିକ୍ ସମ୍ପଦ୍, ଲମ୍ବା ଉପକୂଲ୍ ଆଉ ପାହାଡ଼୍ ଶିଖର୍‌ମାନ୍‌କୁ ବେଭାର୍ କରିକରି ପବନ୍ ଶକ୍ତି ଉତ୍ପାଦନ୍ କର୍‌ବାର୍ ଲକ୍ଷ୍ୟ ରଖାଯାଇଛେ ବଲି ବୈଠକ୍‌ଥି ଶ୍ରୀ ସିଂହଦେଓ କହିଛନ୍ । ଇ ଅବ୍‌ସରେ ଦକ୍ଷିଣ୍ ଆଫ୍ରିକାର୍ ଗୁଟେ କମ୍ପାନୀ ଓଡ଼ିଶାର୍ କେତେଟା ଜିଲ୍ଲା ନ ପବନ୍ ଟର୍ବାଇନ୍ ଥାପ୍‌ନା କର୍‌ବାର୍ ଦିଗେ ତଥ୍ୟ ଉପସ୍ଥାପନ୍ କରିଥିଲା ।

ରାସନ୍‌କାର୍ଡ଼-ଇ-କେଓ୍ୱାଇସି ହି.ସ.

ରାସନ୍‌କାର୍ଡ଼ ଲାଗି ଏବ୍‌ତକ୍ ୨୦ ଲାଖ୍ ୫୮ ହଜାର୍ ହିତାଧିକାରୀ ଇ-କେଓ୍ୱାଇସି ନାଇଁ କରି ବଲି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ଇ ବାବ୍‌ଦେ ସୂଚ୍‌ନା ଦେଇକରି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍, ଯେନ୍‌ମାନେ ଏବ୍‌ତକ୍ ଇ-କେଓ୍ୱାଇସି ନାଇଁ କରି ସେମାନ୍‌କର୍ ଚାଉଲ୍ ବନ୍ଦ୍ କରି ଦିଆଯାଉଛେ । ଇ-କେଓ୍ୱାଇସି କରାଗଲା ଉତ୍‌ରୁ ସେମାନ୍‌କୁ ଫେର୍‌ଘାଏ ଚାଉଲ୍ ଦିଆଯିବା । ଇ-କେଓ୍ୱାଇସି କର୍‌ବାର୍ ଲାଗି ସର୍‌କାର୍ ଆଏବା ୩ ମାସ୍ ତକ୍ ଟାକ୍‌ବେ । ସେ ସମିଆ ଭିତ୍‌ରେ ରାସନ୍‌କାର୍ଡ଼ମାନେ ସସ୍‌ପେଣ୍ଡ୍ ଅବସ୍ଥାଥି ରହେବା । ତାର୍ ଭିତ୍‌ରେ ହିତାଧିକାରୀମାନେ ଇ-କେଓ୍ୱାଇସି କରାଲେ ଫେର୍‌ଘାଏ ଚାଉଲ୍ ପାଇପାର୍‌ବେ ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ।

ଏକ୍‌ଜିଅମ୍ -ଫୋର      ଏନ୍‌ଏସ୍‌ଡି

ଏକ୍‌ଜିଅମ୍ -ଫୋର୍ ମିଶନ୍‌ଥି ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରକେ ଯାଇଥିବା ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶକ୍ଲାଙ୍କର୍ ସହେତେ ଅଲ୍‌ଗା ୪ ଝନ୍ କ୍ରୁ ସଦସ୍ୟ ଆଏଜ୍ ସୁରକ୍ଷିତ୍ ଭାବେ ପୁର୍‌ଥିକେ ଫିରିଛନ୍ । ମହାକାଶଚାରୀମାନ୍‌କୁ ଧରି କରି ସ୍ପେସ୍-ଏକ୍ସ ଡ୍ରାଗନ୍ ମହାକାଶ୍ ଯାନ୍ ଗଲାକାଏଲ୍ ମହାକାଶ କେନ୍ଦ୍ରନୁ ଯାତ୍ରା ମୁଲ୍ କରିଥିଲା । ଭାରତୀୟ ସମିଆ ଦିନର୍ ୩ ବଜେ ଆମେରିକାର୍ ଫ୍ଲୋରିଡାଠାନେ ପ୍ରଶାନ୍ତ ମହାସାଗର୍ ଖଁଡ଼ି ସ୍ପେସ୍-ଏକ୍ସ ଡ୍ରାଗନ୍ ମହାକାଶ୍ ଯାନ୍ ପୁର୍‌ଥିକେ ପୁହୁଁଚିଥିଲା । ପୁର୍‌ଥିକେ ପୁହୁଚିଲା ଉତ୍‌ରୁ ମହାକାଶଚାରୀମାନଙ୍କୁ ୭ ଦିନିଆ ସଙ୍ଗରୋଧିଥି ରଖାଯିବା ବଲି ନାସା ତର୍‌ଫୁ କୁହାଯାଇଛେ । ୧୮ ଦିନ୍‌ର ଐତିହାସିକ୍ ମିଶନ୍‌ଥି ଶୁଭାଂଶୁ ଆଉ ଅଲ୍‌ଗା ସଦସ୍ୟମାନେ ମହାକାଶ କେନ୍ଦ୍ରନ ଭିନ୍ ଭିନ୍ ବିଷେଥି ଗବେଷଣା କରିଥିଲେ ।

ଶୁଭାଂଶୁଙ୍କର୍ ସୁରକ୍ଷିତ୍ ଫିର୍‌ବାର୍ ଆଉ ଅଭିଯାନ୍‌ର ସଫଲ୍‌ତାକେ ନେଇକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭେଚ୍ଛା ଜନେଇଛନ୍ । ଭାରତର୍ ଗଗନ୍‌ଯାନ ଦିଗେ ଇଟା ଆଉ ଗୁଟେ ମାଇଲ୍‌ଖୁଂଟା ଆଏ ବଲି ପ୍ରଧାନମନ୍ତ୍ରୀ କହିଛନ୍ ।

*ବିଶ୍ୱ ଯୁବ କୌଶଲ୍ ଦିବସ୍*          ଆର୍‌ଏନ୍‌ୟୁ/ ସମ୍ବଲପୁର

କୌଶଲ୍ ଭାରତ୍ ଅଭିଯାନ୍‌କେ ଆଏଜ୍ ୧୦ ବଛର୍ ପୁରା ହେଇଛେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୫ ମସିହାଥି ଇ ଅଭିଯାନ୍‌ର ଶୁଭାରମ୍ଭ କରିଥିଲେ । ଯୁଆନ୍ ପିଢ଼ିକେ ଶିକ୍ଷ ସମ୍ପନ୍ନ କରାବାର୍ ସହେତେ ସେମାନ୍‌କୁ ଦକ୍ଷତା ବିକାଶ୍ ତାଲିମ୍ ଦେଇକରି ନିଯୁକ୍ତି ଦେବାର୍ ଆଉ ସମାବେଶି ଜୀବନ୍‌ଶୈଲୀ ଗଠନ୍ ଦିଗେ ପ୍ରେରଣା ଦେବାର୍‌ଟା ଇ ଅଭିଯାନ୍‌ର ମୁଲ୍ ଲକ୍ଷ୍ୟ ଆଏ । ଇ ବାବ୍‌ଦେ ଶୁନୁନ୍ ଗୁଟେ ରିପୋର୍ଟ...

(ଭଏସ୍ ଓଭର୍)

*ପ୍ରଧାନ୍‌ମନ୍ତ୍ରୀ କୌଶଲ୍ ବିକାଶ୍ ଯୋଜ୍‌ନା ଜରିଏ ଦେଶ୍ ଗୁଟେ ବିଶ୍ୱସ୍ତରୀୟ ଦକ୍ଷତା ବିକାଶ୍‌ର କେନ୍ଦ୍ରସ୍ଥଲ୍ ପାଲ୍‌ଟିଛେ । କେନ୍ଦ୍ର ଦକ୍ଷତା ବିକାଶ୍ ଆଉ ଉଦ୍ୟମିତା ମନ୍ତ୍ରଣାଳୟ ଇ ଯୋଜ୍‌ନା ଜରିଏ ୬ କୋଟିନୁ ଅଏତ୍‌କା ଯୁଆନ୍‌ମାନ୍‌କୁ ଆଏଜ୍ ସଶକ୍ତ କରିପାରିଛେ । ୨୦୧୫ ମସିହାଠାନୁ ଏବ୍‌ତକ୍ ୩୮ ଟା କ୍ଷେତ୍ରଥି ୧ କୋଟି ୬୦ ଲାଖ୍ ଯୁଆନ୍ ପିଲା ଟୁକେଲ୍‌ଙ୍କର୍ ଦକ୍ଷତା ବିକାଶ୍ କରାଯାଇଛେ । ସେଥିର୍ ଭିତ୍‌ରୁ ୪୫ ପ୍ରତିଶତ୍ ମହିଲା ଦକ୍ଷତା ବିକାଶ୍ ତାଲିମ୍ ନଉଛନ୍ । ଇଥି ଯୁଆନ୍ ପିଢ଼ିଙ୍କୁ ସ୍ୱାସ୍ଥ୍ୟସେବା, ଆଇ.ଟି., ଇଲେକ୍ଟ୍ରୋନିକ୍ସ, କଳା ଆଉ ହସ୍ତଶିଳ୍ପ ଉପ୍‌ରେ ତାଲିମ୍ ଦିଆଯାଇଛେ ।*

*କୃତ୍ରିମ ବୁଦ୍ଧିମତା ଆଉ ଡିଜିଟାଲ୍ କୌଶଲ୍ ଜରିଏ ଯୁଆନ୍ ପିଢ଼ିକେ ବର୍‌କସ୍ କର୍‌ବାର୍ ବାର୍ତା ନେଇକରି ଆଏଜ୍ ସାରା ପୁର୍‌ଥି ନ ବିଶ୍ୱ ଯୁବ କୌଶଲ୍ ଦିବସ୍ ପାଲନ୍ କରାଯାଉଛେ । ଜାତିସଂଘ ସାଧାରଣ୍ ସଭାଥି ୨୦୧୪ ମସିହା ଆଝିର୍ ଦିନ୍‌କେ ବିଶ୍ୱ ଯୁବ କୌଶଲ୍ ଦିବସ୍ ଭାବେ ପାଲନ୍ କର୍‌ବାର୍ ଲାଗି ନିଷ୍ପତି ନିଆଯାଇଥିଲା । ଇ ଅବ୍‌ସରେ ଆଏଜ୍ କେନ୍ଦ୍ର ଦକ୍ଷତା ବିକାଶ୍ ଆଉ ଉଦ୍ୟମିତା ମନ୍ତ୍ରୀ ଜୟନ୍ତ ଚୌଧୁରୀ କହିଛନ୍, ସ୍କିଲ୍ ଇଣ୍ଡିଆ ଯୋଜ୍‌ନା ଜରିଏ ଯୁଆନ୍ ପିଢ଼ିକେ ସଶକ୍ତ କର୍‌ବାର୍ ଲକ୍ଷ୍ୟ ରଖାଯାଇଛେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ଇ ଅଭିଯାନ୍ ବହୁତ୍ ଲୁକ୍‌କର୍ ଜୀବନ୍ ବଦ୍‌ଲାବାର୍ ସହେତେ ମହିଳା ଆଉ ପଛୁଆ ବର୍ଗର୍ ଭିତ୍‌ରେ ବହୁତ୍‌ଟେ ପରିବର୍ତନ୍ ଆନିଛେ । ଆକାଶ୍‌ବାଣୀ ସମ୍ବଲ୍‌ପୁର୍ ସମ୍ବାଦ ବିଭାଗ୍ ତର୍‌ଫୁ ବିସ୍ମିତା ପଧାନ୍ ।*

ବିଶ୍ୱ ଯୁବ କୌଶଲ୍ ଦିବସ୍ କଲାହାଣ୍ଡି ସମ୍ବାଦଦାତା

ମାଇଁ ଭାରତ କଲାହାଣ୍ଡି ତର୍‌ଫୁ ଭବାନୀପାଟ୍‌ନା ଠାନେ ବିଶ୍ୱ ଯୁବ କୌଶଲ୍ ଦିବସ୍ ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଅତିରିକ୍ତ ଜିଲ୍ଲାପାଲ୍ ତନ୍ମୟ କୁମାର୍ ଦର୍‌ୱାନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଯୁବଶକ୍ତିର୍ ସଠିକ୍ ଦିଗ୍‌ଦର୍ଶନ୍ ଆଉ ଦକ୍ଷତା ବିକାଶ୍ ଉପ୍‌ରେ ଜୋର୍ ଦେଇଥିଲେ । ଇ

ଅବ୍‌ସରେ ଶହେ ୯ନ୍ ଯୁଆନ୍ ପିଲା ଟୁକେଲ୍‌ଙ୍କୁ ଦିଆଯାଇଥିବାର୍ ଦକ୍ଷତା ବିକାଶ୍ ତାଲିମ୍ ବାବ୍‌ଦେ ପ୍ରମାଣ୍‌ପତ୍ର ବଂଟାଯାଇଥିଲା ।

ଆଇଆଇଏମ୍ ସମ୍ବଲ୍‌ପୁର୍-ଅନ୍ତର୍ଜାତୀୟ ସମ୍ମିଳନୀ

ସମ୍ବଲପୁର ସମ୍ବାଦଦାତା

ଆଇଆଇଏମ୍ ସମ୍ବଲ୍‌ପୁର୍ ତର୍‌ଫୁ ଭାରତୀୟ ସାମାଜିକ୍ ବିଜ୍ଞାନ୍ ଅନୁସନ୍ଧାନ୍ ପରିଷଦ୍‌ର ସହଯୋଗ୍‌ଥି  ବିକଶିତ୍ ଭାରତ୍-୨୦୪୭ ଲାଗି ମେଟାଭର୍ସ ବେଙ୍କିଙ୍ଗ୍ ଆଣ୍ଡ ଫାଇନାନ୍ସିଆଲ୍ ଟ୍ରାନ୍ସଫର୍‌ମେସନ୍ ବିଷେଥି ଗୁଟେ ଅନ୍ତର୍ଜାତୀୟ ସମ୍ମିଳନୀ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଶିକ୍ଷାବିତ୍, ଶିଳ୍ପକ୍ଷେତ୍ରର୍ ବିଶିଷ୍ଟ ବ୍ୟକ୍ତି, ଫିଟ୍‌ନେସ୍ ସଂସ୍ଥା ଆଉ ନୀତି ନିର୍ମାତାମାନେ ଯୋଗ୍ ଦେଇଥିଲେ ।

ଆବାସିକ୍ କ୍ଷମତା ପ୍ରଶିକ୍ଷଣ୍ ଶିବିର

ବଲାଙ୍ଗିର୍ ସମ୍ବାଦଦାତା

ଚାଷୀମାନ୍‌କର୍ ଉତ୍ପାଦିତ୍ ଦରବ୍‌କେ ଦୁଇଗୁନ୍ କର୍‌ବାର୍ ଲକ୍ଷ୍ୟଥି ବଲାଙ୍ଗିର୍ ଜିଲ୍ଲାର୍ ୧୫ ଟା କୃଷି ଉତ୍ପାଦନ୍ କମ୍ପାନୀର୍ ୩ ଦିନିଆ ଆବାସିକ୍ କ୍ଷମତା ପ୍ରଶିକ୍ଷଣ୍ ଶିବିର୍ ମୁଲ୍ ହେଇଛେ ।

କାର୍ଯ୍ୟକ୍ରମ୍‌କେ ଉଦ୍ୟାନ୍ କୃଷି ଉପ ନିର୍ଦ୍ଦେଶକ୍ ଉଦ୍‌ଘାଟନ୍ କରିଛନ୍ । ଇଥି ଜିଲ୍ଲାର୍ ୫୦ ଜନ୍ ଭାଗ୍ ନେଇଛନ୍ ।

ବୁଥ୍‌ସ୍ତରର୍ ଅଧିକାରୀ ତାଲିମ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ ଚାଲିଥିବା ବୁଥ୍ ସ୍ତରର୍ ଅଧିକାରୀ ଆଉ ସୁପର୍‌ଭାଇଜର୍‌ମାନ୍‌କର୍ ୫ ଦିନିଆ ଜାତୀୟ ତାଲିମ୍ ଶିବିର୍ ଉଦ୍‌ଯାପିତ୍ ହେଇଯାଇଛେ । ବୌଦ୍ଧ ଜିଲ୍ଲାପାଲ୍ ଆଉ ଜିଲ୍ଲା ନିର୍ବାଚନ୍ ଅଧିକାରୀ ସୁବ୍ରତ୍ କୁମାର୍ ପଣ୍ଡା ଆଉ ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଳୀର୍ ପଞ୍ଜିକରଣ୍ ଅଧିକାରୀମାନ୍‌କର୍ ତତ୍ତ୍ୱାବଧାନ୍‌ଥି ହେଇଥିବା ବୈଠକ୍‌ଥି ନିର୍ଭୁଲ୍ ଆଉ ସଂଶୋଧିତ୍ ଭୋଟର୍ ତାଲିକା ତିଆର୍ କର୍‌ବାର୍ ଲାଗି ଅଧିକାରୀମାନ୍‌କୁ ତାଲିମ୍ ଦିଆଯାଇଥିଲା ।

ବିଦ୍ୟୁତ୍ ଯୋଗାଣ ବନ୍ଦ୍ ସମ୍ବଲପୁର ସମ୍ବାଦଦାତା

ଶହେ ୩୨/୩୩ କେଭି ସମ୍ବଲ୍‌ପୁର୍ ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ମରାମତି କାମ୍ ଲାଗି ଆଏବା କାଏଲ୍ ସମ୍ବଲ୍‌ପୁର୍ ସହରର୍ ଭିନ୍ ଭିନ୍ ଜାଗା ନ ଲାଇନ୍ କଟାଯିବା । ସଖାଲର୍ ୮ ବଜେନୁ ୨ ବଜେତକ୍ ସହରର୍ ଚେରୁଆପଡ଼ା, ନନ୍ଦପଡ଼ା, ଝାଡୁଆପଡ଼ା, ବଡ଼ବଜାର୍, ବାଲିବନ୍ଧା, କୁଞ୍ଜେଲ୍‌ପଡ଼ା,

ଦୁର୍ଗାପାଲି, ଫାର୍ମରୋଡ଼, ମୁଦିପଡ଼ା, ଲକ୍ଷ୍ମୀଟକିଜ୍, ପୁଲିସ୍ ଲାଇନ୍, ଗୁଜ୍ରାତି କଲୋନୀ, କାଇଁସିରରୋଡ଼୍, ସମଲେଇମନ୍ଦିର୍, କ୍ଷେତ୍ରାଜ୍ପୁର୍ ଇଲାକା ନ ବିଜ୍ଲି ଯୋଗାଣ ବନ୍ଦ୍ ରହେବା ବଲି ପଶ୍ଚିମ ଓଡ଼ିଶାର୍ ବିଦ୍ୟୁତ୍ ବିତରକ୍ କମ୍ପାନୀ ଟିପିଡବ୍ଲୁଓଡିଏଲ୍ ତରଫୁ ସୂଚ୍ନା ଦିଆଯାଇଛେ ।

ଦିବ୍ୟାଙ୍ଗ ପ୍ରମାଣ୍ପତ୍ର ବଂଟନ୍ ଶିବିର୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ଉପଖଣ୍ଡ ଡାକ୍ତର୍ଖାନା ଠାନେ ଦିବ୍ୟାଙ୍ଗ ପ୍ରମାଣ୍ପତ୍ର ବଂଟନ୍ ଶିବିର୍ ହେଇଯାଇଛେ । ଶିବିର୍ଥି ବିଶେଷଜ୍ଞ ଡାକ୍ତରୀ ଦଲ୍ ପୁହୁଚିକରି ଦିବ୍ୟାଙ୍ଗ ମାନ୍କର୍ ଶାରୀରିକ ଯାଂଚ୍ କରିଥିଲେ ।

ସୁବର୍ଣ୍ଣପୁର୍ ଦିଶା କମିଟି ବୈଠକ୍ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲାପାଲ୍ଙ୍କର୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାନେ ଜିଲ୍ଲା ଉନ୍ନୟନ୍ ସମନ୍ୱୟ ଆଉ ପର୍ଯ୍ୟବେକ୍ଷଣ ସମିତି ବୈଠକ୍ ହେଇଯାଇଛେ । ବଲାଙ୍ଗିର୍ ସାଂସଦ୍ ସଙ୍ଗୀତା କୁମାରୀ ସିଂହଦେଓଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍ଥି ବୀର୍ମହାରାଜ୍ପୁର୍ ବିଧାୟକ୍, ରଘୁନାଥ୍ ଜଗ୍ଦଲା,

ଜିଲ୍ଲାପାଲ୍ ଅନ୍ୟା ଦାସ, ଅଲ୍‌ଗା ଅଧିକାରୀ ଆଉ ଜନ ପ୍ରତିନିଧି ମାନେ ଯୋଗ୍ ଦେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପ୍‌ସାଗର୍ ନ ହେଇଥିବା ଲଘୁଚାପ୍ ପ୍ରଭାବ୍‌ଥି ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ବଡ଼ଭାଗୀ ଜାଗା ନ ଘଡ଼୍‌ଘଡ଼ି ସହେତେ ହାଲ୍‌କାନୁ ମଧ୍ୟମ୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଇ ସମିଆଥି ଅତି ଜବର୍ ଧୁକାଗର୍ଡ଼ି ଆଉ ବର୍ଷା ନେଇକରି ପଶ୍ଚିମ ଓଡ଼ିଶା ସହେତେ ୨୨ ଟା ଜିଲ୍ଲାକେ ସତର୍କ ସୂଚ୍‌ନା ଜାରି କରାଯାଇଛେ ।